## ୨ ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୪।୩:** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଲବିଙ୍ଗ ଗ୍ରାମର ବିକ୍ରମ ନାୟକଙ୍କୁ ସେହି ଗ୍ରାମର ହରିଶ୍ଚନ୍ଦ୍ର ସିଂ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୫୪/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଆରାମପୁର ଗ୍ରାମର ଅନଙ୍ଗ ବେହେରାଙ୍କୁ ରଣଜିତ ପ୍ରଧାନ ଏକ ଠେଙ୍ଗାରେ ଆକ୍ରମଣ କରିଛନ୍ତି। ଏ ନେଇ ନଂ. ୫୫/୨୩ ରେ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଉପଜିଲାପାଳଙ୍କ ବଦଳି

**ଅନୁଗୋଳ ଅଫିସ, ୪।୩:** ଅନୁଗୋଳ ଉପଜିଲାପାଳ ବୈତୁରା ଦୀପଙ୍କ ବରଗଡ ଜିଲା ପଦ୍ମପୁର ଉପଜିଲାପାଳ ଭାବେ ବଦଳି ହୋଇଛି। ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତିଙ୍କୁ ଅନୁଗୋଳ ଉପଜିଲାପାଳ ଭାବେ ବଦଳି କରାଯାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ବଦଳି ନିର୍ଦ୍ଦେଶନାମା ବାହାରିଛି।

### ମନ୍ଦିରରୁ ନାଗସାପ ଉଦ୍ଧାର

**ଅନୁଗୋଳ ଅଫିସ, ୪।୩:** ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଥିବା ମା' ବିମଳାଙ୍କ ମନ୍ଦିରରୁ ଶୁକ୍ରବାର ଏକ ୫ ଫୁଟର ନାଗସାପ ଉଦ୍ଧାର କରାଯାଇଛି। ସକାଳେ ମନ୍ଦିର ମଧରେ ସାପ ଦେଖି ପୂଜକ ମାନସ ନନା, ମନୋଜ ଦାସ ସର୍ପମିତ୍ର ଆଦିତ୍ୟ ବେହେରା ଓ ପିଣ୍ଟୁ ବେହେରାଙ୍କୁ ସୂଚନା ଦେଇଥିଲେ। ଏହାପରେ ଉଭୟେ ପହଞ୍ଚି ମନ୍ଦିର ମଧରୁ ସାପଟିକୁ ବାହାର କରି ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଥିଲେ।



# ମହିଳାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦିଆଯାଉ




ଅନୁଗୋଳ ଅଫିସ,୪।୩

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଭାରତର ବୁଲ୍‌ବୁଲ୍ ସରୋଜିନୀ ନାଇଡୁଙ୍କ ପୁଣ୍ୟତିଥିରେ ରାଜ୍ୟ ମହିଳା ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଗୋଳ ସହର ମାରୱାଡ଼ି ଧର୍ମଶାଳାରେ ଗୁରୁବାର ଏ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମଞ୍ଚ ଆବାହିକା ସସ୍ମିତା ବେହେରା ପୌରୋହିତ୍ୟ କରିଥିଲେ। ମହିଳା ସଶକ୍ତୀକରଣ ଓ ବିଧାନସଭା-ଲୋକ ସଭାରେ ମହିଳାଙ୍କ ସ୍ଥାନ ଆରକ୍ଷଣ ଶୀର୍ଷକ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଦେବୀ ପ୍ରସାଦ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ସୀମନ୍ତିନୀ ଜେନା, ପ୍ରଭାସିନୀ ରାଉତ, ସ୍ୱପ୍ନା ଷଡ଼ଙ୍ଗୀ ଓ ସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଦଳମତ ନିର୍ବିଶେଷରେ ନାରୀସମାଜ ଏକାଠି ହୋଇ ୫୦ ପ୍ରତିଶତ ସ୍ଥାନ ବିଧାନସଭା ଓ ଲୋକ ସଭାରେ ସଂରକ୍ଷଣ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏଥିସହ ଦେଶକୁ ନିଶାମୁକ୍ତ କରିବାକୁ ମାଧବୀଲତା ମହାପାତ୍ର ଆଗତ କରିଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଅଧ୍ୟକ୍ଷା ସସ୍ମିତା ବେହେରା ସରୋଜିନୀ ନାଇଡୁଙ୍କ ସ୍ମୃତିଚାରଣ କରିଥିଲେ। ମହିଳାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଓ ନିଶାମୁକ୍ତ ଭାରତ ଦାବି ସମ୍ପର୍କରେ ଖୁବ୍‌ଶୀଘ୍ର ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୋକିଳ ପ୍ରଧାନ, ତପସ୍ୱିନୀ ପ୍ରଧାନ, ବିଭାରାନୀ ପାତ୍ର, ଜସଲିନ୍ ସାହୁ, ପୁଷ୍ପଲତା ପ୍ରଧାନ, ମଧୁମତି ପ୍ରଧାନ, ଶାନ୍ତିଲତା ବେହେରା, ବାସନ୍ତୀ ନାଥ, କାମିନୀ ଦେଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆରତୀ ସ୍ୱାଇଁ, ସମସିଦା ତାୟବ, ସ୍ମିତା ସାମଲ, ନିରୁପମା ପାତ୍ର, ଶ୍ରୀୟା ପଣ୍ଡା, ଜାନକୀ ମଲ୍ଲିକ, କଳ୍ପନା ପଣ୍ଡା ଓ ସୂର୍ଯ୍ୟକାନ୍ତି ବାଗ ଯୋଗଦେଇଥିଲେ।

### ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦେବ ରାଜ୍ୟ ମହିଳା ମଞ୍ଚ

# ଜୁଆଆଡ୍ଡାରେ ଚଢ଼ାଉ, ୨ ଗିରଫ

ଛେଣ୍ଡିପଦା,୪।୩ (ନି.ପ୍ର.)

ଛେଣ୍ଡିପଦା ପୋଲିସ ଶନିବାର ଲଙ୍ଗୁଳି ଜଙ୍ଗଲସ୍ଥିତ ଗୋହିରପଶି ସ୍କୁଲ ନିକଟର ଚଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଗୋଳାଗଡିଆ ଗ୍ରାମର ସୁବାସ ନାଏକ ଏବଂ ସାପୋଇସାହିର ବନ୍ଧୁ ନାୟକ। ସେମାନଙ୍କ ନିକଟରୁ ଜୁଆପାଲି ସରଞ୍ଜାମ, ୩ଟି ମୋବାଇଲ ଏବଂ ୪ ହଜାର ୪ ଶହ ୮୦ ଟଙ୍କା ଜବତ କରାଯାଇଛି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗୋହିରପଶି ସ୍କୁଲ ନିକଟରେ ଜୁଆ ଖେଳ ଚାଲିଥିବା ସୂଚନା ପାଇଥିଲା। ଛେଣ୍ଡିପଦା ଥାନା ଏଏସ୍‌ଆଇ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରି ସୁବାସ ଏବଂ ବନ୍ଧୁଙ୍କୁ ଗିରଫ କରିଥିଲା। ପୋଲିସକୁ ଦେଖି ଅନ୍ୟ କେତେଜଣ ଜୁଆଡି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ନଂ. ୯୪/୨୩ରେ ଏକ ମାମଲା ରୁଜୁ ହୋଇଛି।

# ସୌରବାଡ଼, କ୍ଷତିପୂରଣ ଦିଆଯାଉ

ଅନୁଗୋଳ ଅଫିସ, ୪।୩


ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଜିଲା କନ୍ଧକୋଇଲି ଗ୍ରାମରେ ସୌର ତାରବାଡ କାର୍ଯ୍ୟକ୍ଷମ କରିବା ଏବଂ ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବକେୟା କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ ଦାବିରେ କନ୍ଧକୋଇଲି ଗ୍ରାମ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ଅନୁଗୋଳ ଡିଏଫ୍‌ଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରାଯାଇଛି। ବିଶେଷକରି ଗ୍ରାମ ଚତୁଃପାର୍ଶ୍ୱରେ ସୌର ତାରବାଡ଼ ଦିଆଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବ ଓ ଅନ୍ୟାନ୍ୟ କାରଣରୁ ଏହା ଅକାମୀ ହୋଇଯିବା ଫଳରେ ବନ୍ୟଜନ୍ତୁଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏଣୁ ଫସଲ ଫଳାଇପାରୁ ନ ଥିବା ଚାଷୀ ବାଧହୋଇ ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। ଅନ୍ୟପକ୍ଷରେ ହାତୀ ଦ୍ୱାରା ଫସଲହାନି ଘଟୁଥିଲେ ମଧ କ୍ଷତିପୂରଣ ଠିକଣା ସମୟରେ ମିଳୁନାହିଁ। ଏସବୁ ସମସ୍ୟାର ସମାଧାନ ପାଇଁ ଡିଏଫ୍‌ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ମାଣିକଯୋଡି ଠାରୁ ସିଂକୋଇଲି ଏବଂ କନ୍ଧକୋଇଲି ଦେଇ ଲେମୁତଇଲା ପର୍ଯ୍ୟନ୍ତ ଓ ବେତରକୁ ସବୁଦିନିଆ ରାସ୍ତା ନିର୍ମାଣ କରିବା, କନ୍ଧକୋଇଲି ଗ୍ରାମ ମଝିକା ସାହିରେ ପିଇବା ପାଣି ସଙ୍କଟ ଯୋଗୁ ସୌରଚାଳିତ ପାଣିପମ୍ପ ବ୍ୟବସ୍ଥା କରିବା, ସିଂକୋଇଲି ଗ୍ରାମରେ ବନ୍ଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟ ପୁନଃ ଚାଲୁ କରିବା ଦାବିରେ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ଭେଟି ପ୍ରଦାନ କରାଯାଇଛି। ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ପ୍ରତିନିଧି ଦଳରେ ସାମିଲ ଥିବା ଗ୍ରାମ୍ୟ ସଭାପତି ସୁରେଶ ଷଣ୍ଢ, କୁମୁଦ ପ୍ରଧାନ, କସାରିଆ କଠାର, ଅକ୍ଷୟ ଦେହୁରୀଙ୍କ ସମେତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ନବକିଶୋର ପ୍ରଧାନ, ମାନସ ପାଳ, ଦୁଃଖବନ୍ଧୁ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ହାତିଆଦଣ୍ଡା ପ୍ରିମିୟର ଲିଗ୍: ସୁବର୍ଣ୍ଣପୁର ଚାମ୍ପିୟନ



କଣିହାଁ,୪।୩(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚପିସି ବିଶ୍ୱକର୍ମା ପୂଜା ପଡିଆଠାରେ ଚାଲିଥିବା ହାତିଆଦଣ୍ଡା ପ୍ରିମିୟର ଲିଗ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବଜ୍ରକୋଟ ପଞ୍ଚାୟତ ସୁବର୍ଣ୍ଣପୁର ଓ ହାତିଆଦଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୫୦ ରନ କରିଥିଲା। ଜବାବରେ ହାତିଆଦଣ୍ଡା ଆବଶ୍ୟକ ରନ କରି ନ ପାରି ପରାସ୍ତ ହୋଇଥିଲା। ସୁବର୍ଣ୍ଣପୁର ଦଳର ସଚିନ ଜେନା ଉଭୟ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅମନ ସାହୁ, ରତିକାନ୍ତ ବେହେରା ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ତାମଡା ତଥା ଶ୍ରଦ୍ଧାସେବା ସହଯୋଗର ଅଧ୍ୟକ୍ଷ ଅବନିକାନ୍ତ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଡିଲେଶ୍ୱର ସାହୁ, ରମାକାନ୍ତ ବେହେରା, ବିଜେଡି ନେତା ମଦନ ପ୍ରଧାନ, ରୋହିତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ହାତିଆଦଣ୍ଡା କ୍ରିକେଟ ଦଳର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଅପହରଣ ମାମଲାରେ ୨ ସହଯୋଗୀ ଗିରଫ

ଅନୁଗୋଳ ଅଫିସ, ୪।୩

ଅନୁଗୋଳ ଥାନା ଉପକଣ୍ଠରୁ ଗତ ଡିସେମ୍ବରରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏ ନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ନଂ. ୬୯୪/୨୨ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଶୁକ୍ରବାର ଜରପଡ଼ା ଥାନା ଅଞ୍ଚଳର କାର୍ ଚାଳକ ରଞ୍ଜନ କୁମାର ସିଂହ(୩୮) ଓ ଜରପଡ଼ା ଅଞ୍ଚଳର ବାପି ଓରଫ କାଳିଆ ବେହେରା(୨୪)ଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ନାବାଳିକା ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ପୁରୀ ଯାଇଥିଲେ। ଏହି ଘଟଣାରେ ପୁରୁଷ ବନ୍ଧୁ ଫେରାର ରହିଥିବା ବେଳେ ୨ ସହଯୋଗୀଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି।

# ଅନୁଗୋଳରେ ୨୮ ହିରୋଷ୍ଟୋନ ସନ୍ଧାନ

ଅନୁଗୋଳ ଅଫିସ, ୪।୩

ଅନୁଗୋଳ ଉପଖଣ୍ଡରୁ ୨୮ଟି ହିରୋଷ୍ଟୋନ ବା ବୀର ଫଳକର ସନ୍ଧାନ ମିଳିଛି। ଏହି ପ୍ରାଚୀନ ପ୍ରସ୍ତର ଫଳକଗୁଡ଼ିକ ନତଡା, ଝିଣ୍ଟିପାଳ, ବଡ କେରଜାଙ୍ଗ ଓ କୋରଡ଼ା ଗ୍ରାମରେ ରହିଥିବା ପ୍ରାକ୍ତନ ଇତିହାସ ପ୍ରାଧ୍ୟାପିକା ଓ ଗବେଷିକା ରମା ମଞ୍ଜରୀ ସାହୁ ଏବଂ ସାହିତ୍ୟିକ ତ୍ରେତାନନ୍ଦ ସାମନ୍ତ ସୂଚନା ଦେଇଛନ୍ତି। ଦୁହେଁ ଉକ୍ତ ଗ୍ରାମଗୁଡିକୁ ଯାଇ ବୀର ଫଳକ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରିଛନ୍ତି। ଦଳପତି ତଥା ଜଣେ ଯୋଦ୍ଧା ବୀରତ୍ୱର ସହ ଶତ୍ରୁ ସହିତ ଲଢେଇ କରିବା ସମୟରେ ପ୍ରାଣ ହରାଇଲେ ତାଙ୍କ ସ୍ମୃତିରେ ଏକ ପ୍ରସ୍ତର ଫଳକ ଉତ୍ସର୍ଗ କରିବାର ପରମ୍ପରାକୁ ଅନୁଗୋଳର ପ୍ରାଚୀନ ଓ ମଧ୍ୟ ଯୁଗୀୟ ଲୋକମାନେ ମଧ୍ୟ ଅନୁସରଣ କରିଥିବା ଏହି ବୀର ଫଳକ ପ୍ରମାଣ କରୁଛି। ନତଡା ଗ୍ରାମ ମଧ୍ୟସ୍ଥଳର ଏକ ଖୋଲା ସ୍ଥାନରେ ୩ ଓ ଝିଣ୍ଟିପାଳଠାରେ ୮, ବଡ କେରଜାଙ୍ଗ ଗ୍ରାମରେ ୧୨, କୋରଡ଼ା ଗ୍ରାମରେ ୫ଟି ଖଣ୍ଡିତ ଓ କ୍ଷୟପ୍ରାପ୍ତ ବୀର ଫଳକ ରହିଥିବା ଦେଖିବାକୁ ମିଳିଛି। ସମସ୍ତ ବୀର ଫଳକ ବାଲିପଥରରେ ତିଆରି। ଫଳକର ମଧ ଭାଗରେ ବାମ ହାତରେ ଢାଲ ଓ ଡାହାଣ ହାତରେ ଖଡ୍ଗ ଧାରଣ କରିଥିବା ଯୋଦ୍ଧାଙ୍କ ମୂର୍ତ୍ତି ଖୋଦିତ ହୋଇଛି। କେବଳ ଝିଣ୍ଟିପାଳ ଫଳକର ପ୍ରଥମ ଭାଗରେ ଯୋଦ୍ଧା ଜଣକ ବୀରଗତି ପ୍ରାପ୍ତ ହେବାପରେ ସ୍ୱର୍ଗ ଲୋକକୁ ଯାଇ ଶିବ ଲିଙ୍ଗ ପୂଜା କରୁଥିବାର ଚିତ୍ର ଖୋଦିତ ହୋଇଛି। ଉପରୋକ୍ତ ୨୮ ବୀର ଫଳକ ମଧ୍ୟରୁ କୌଣସି ଫଳକରେ ଅଭିଲେଖ ନ ଥିବାରୁ ସେଗୁଡିକର ପ୍ରତିଷ୍ଠା କାଳ ନିରୂପଣ କରି ହୁଏନାହିଁ। ତେବେ ଭାସ୍କର୍ଯ୍ୟ କଳା ଦୃଷ୍ଟିରୁ ଏହି ବୀର ଫଳକଗୁଡିକ ଅଷ୍ଟମରୁ ଦଶମ ଶତାବ୍ଦୀ ମଧ୍ୟରେ ସ୍ଥାନିତ ନେଇ ଅନୁମାନ କରାଯାଉଥିବା ରମା ମଞ୍ଜରୀ ସାହୁ ମତବ୍ୟକ୍ତ କରିଛନ୍ତି। ଏହି ବିରଳ ସ୍ଥାପତ୍ୟଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ ବୋଲି ସାହୁ ପ୍ରକାଶ କରିଛନ୍ତି।



# ଗାୟତ୍ରୀ ସିଂହଙ୍କୁ କୈବଲ୍ୟ ରତ୍ନବେଦି ସମ୍ମାନ

ଆଠମଲ୍ଲିକ,୪।୩ (ଡି.ଏନ.ଏ.)

କଳା ବିକାଶ କେନ୍ଦ୍ର କଟକଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କିମ୍ବଦନ୍ତୀ ଆଧ୍ୟାତ୍ମିକ ସାହିତ୍ୟ ମହାସଭା ଏବଂ କିମ୍ବଦନ୍ତୀ କଥନ କାର୍ଯ୍ୟକ୍ରମରେ ଆଠମଲ୍ଲିକର କବୟିତ୍ରୀ ଗାୟତ୍ରୀ ସିଂହଙ୍କୁ କୈବଲ୍ୟ ରତ୍ନବେଦି ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। କବୟିତ୍ରୀ ସିଂହ ସନ୍ଥ କବି ଭୀମଭୋଇ ସାହିତ୍ୟ ପରିଷଦର ରାଜ୍ୟସଭା ନେତ୍ରୀ, ମାତୃଭୂମି ଶିଶୁ ସାହିତ୍ୟ ମଞ୍ଚର ରାଜ୍ୟ ସଭାନେତ୍ରୀ ଥିବା ସହ ଓଡ଼ିଶାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି। ତାଙ୍କର ସାହିତ୍ୟ କୃତି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ଆସୁଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର କୋଣ ଅନୁକୋଣରୁ କବି, ଲେଖକ ଏବଂ ସାହିତ୍ୟିକମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡକ୍ଟର ଅଲେଖ ଚନ୍ଦ୍ର ପଡ଼ିଆରୀ ଏବଂ ନ୍ୟାୟମୂର୍ତ୍ତି ରତିକାନ୍ତ ମହାପାତ୍ର ଯୋଗଦାନ କରି ଆଧ୍ୟାତ୍ମିକ ସାହିତ୍ୟ ଅଧିକ ସୃଷ୍ଟି କରି ସମାଜକୁ ପରିବର୍ତ୍ତନ କରିବାକୁ ମତ ରଖିଥିଲେ।



କବୟିତ୍ରୀଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

# ପରମ୍ପରା ବଜାୟ ରଖିଛି ମହୋତ୍ସବ

### ମାଲ୍ୟଗିରି ମହୋତ୍ସବର ୨ୟ ସନ୍ଧ୍ୟା

ପାଲଲହଡା,୪।୩(ଡି.ଏନ.ଏ.)



ପାଲଲହଡା ଷ୍ଟାଡିୟମରେ ଚାଲୁଥିବା ମାଲ୍ୟାଗିରି ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚ ଦୁଲୁକାଇଛନ୍ତି ମା' ହିଙ୍ଗୁଳା ପାଇକ ଆଖଡା, ଗୋପାଳପ୍ରସାଦ, ତାଳଚେର ପାଇକଖେଳ ଓ ପବିତ୍ର ମୋହନ ଡ୍ୟାନ୍ସ ଏକାଡେମୀର ଶିବ ତାଣ୍ଡବ। ମାଲ୍ୟାଗିରି ମୁକ୍ତାକାଶ ରଙ୍ଗମଞ୍ଚରେ ସହସ୍ରାଧିକ ଦର୍ଶକ ଉପସ୍ଥିତ ରହି ଏହି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମନଭରି ଉପଭୋଗ କରିଥିଲେ। ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ତଥା ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ଉପଜିଲାପାଳ ଅଜିତ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ଉପଜିଲାପାଳ ସୁଶାନ୍ତ କୁମାର ପତି ଉପସ୍ଥିତ ଥିଲେ। ପାଲଲହଡା ମହୋତ୍ସବ କଳା ଐତିହ୍ୟ, ସଂସ୍କୃତି ପରମ୍ପରାକୁ ବଜାଇ ରଖିଥିବା ମନ୍ତ୍ରୀ ଘଡାଇ ପ୍ରକାଶ କରିଥିଲେ। ସଂସ୍କୃତି ବିଭାଗ ଓଡ଼ିଶା ଦ୍ୱାରା ଦଣ୍ଡ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ନୃତ୍ୟ ପରିବେଷଣ ଲୋକଙ୍କୁ ବାନ୍ଧି ରଖିଥିଲା। ସୋନାଲିଙ୍କ ଉପସ୍ଥାପନା ଓ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଏବଂ ଅଭିଜିତ ପାଢ଼ିଙ୍କ ସଙ୍ଗୀତରେ ଲୋକେ ବିଭୋର ହୋଇ ଉଠିଥିଲେ। ଏହି ଅବସରରେ ପାଲଲହଡା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

# ଅସମ୍ପୂର୍ଣ୍ଣ ପ୍ରକଳ୍ପ ଦେଖିଲେ ବସୁଧା ଉପଦେଷ୍ଟା

ଅନୁଗୋଳ ଅଫିସ, ୪।୩

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବସୁଧା (ଗ୍ରାମୀଣ)ର ଉପଦେଷ୍ଟା ଦୀନେଶ ପ୍ରଧାନ ଅନୁଗୋଳ ବ୍ଲକ ଶୁଶୁଡା ପଞ୍ଚାୟତଗସ୍ତ କରିଥିଲେ। ଶୁଶୁଡା ସରପଞ୍ଚ ତପନ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଶୁଶୁଡ଼ା ଗ୍ରାମରେ ଅସମ୍ପୂର୍ଣ୍ଣ ହୋଇ ପଡିଥିବା ବସୁଧା ପ୍ରକଳ୍ପକୁ ବୁଲି ଦେଖିବା ସହ ପାନୀୟ ଜଳ ସମସ୍ୟା ବିଷୟରେ ଗ୍ରାମବାସୀଙ୍କଠାରୁ ଅବଗତ ହୋଇଥିଲେ। ଏହି ସମୟରେ ସାମାଜିକ କର୍ମୀ ପର୍ଶୁରାମ ଦାସ, ଯୁବନେତା ଆଦିତ୍ୟ ମିଶ୍ର ଉପସ୍ଥିତ ଥିଲେ। ଏହା ପୂର୍ବରୁ ପଞ୍ଚାୟତର ଗତ ୨୦ ତାରିଖରେ ଗୋପୀନାଥପୁର ଗ୍ରାମ ପରିଦର୍ଶନରେ ଯାଇ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ବିଷୟରେ ଉପଦେଷ୍ଟା ପ୍ରଧାନ ଅବଗତ ହୋଇଥିଲେ। ପଞ୍ଚାୟତରେ ଚାଲିଥିବା ବସୁଧା ଯୋଜନାର ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ଏଥିସହ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଶୁଶୁଡ଼ା ପଞ୍ଚାୟତ ପରିଦର୍ଶନ କରୁଛନ୍ତି ବସୁଧା ଉପଦେଷ୍ଟା।

# ନିଷ୍ଠାର ସହ ପରୀକ୍ଷା ପରିଚାଳନା କର

ଅନୁଗୋଳ ଅଫିସ,୪।୩

ଅନୁଗୋଳସ୍ଥିତ ପୁରୁଣା ଜିଲା ଶିକ୍ଷା ଅଧିକାରୀଙ୍କ ସଭାଗୃହରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଦଶମ ବୋର୍ଡ ପରୀକ୍ଷା (ଏସ୍‌ଏ-୨)ର ସୁପରିଣ୍ଟେଣ୍ଡେଣ୍ଟମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିଷ୍ଠାର ସହ ପରୀକ୍ଷା ପରିଚାଳନା କରିବାକୁ ଜିଲା ଶିକ୍ଷା ଅଧିକାରୀ କର୍ମଶାଳାରେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ସାହୁ ପରୀକ୍ଷାର ବିଧିବ ବ୍ୟବସ୍ଥାକୁ ପାୱାର ପଏଣ୍ଟ ମାଧ୍ୟମରେ ବାଖ୍ୟା କରିଥିଲେ। ଏଥର ପରୀକ୍ଷାରେ ଜିଲାର ୯୫ଟି ସେଣ୍ଟରେ ୧୭ ହଜାର ୧୯୭ ଜଣ ପରୀକ୍ଷାର୍ଥୀ ଏସ୍‌ଏ-୨ ପରୀକ୍ଷା ଦେବା ପାଇଁ ଯାଉଥିବା ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ସୂଚନା ଦେଇଥିଲେ। ଜିଲାର ୮ଟି ବ୍ଲକର ବିଡିଓ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମଲ ବ୍ୟାରେଜ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

# ଭୁଜାଲି ଦେଖାଇ ଲୁଟ୍

ଅନୁଗୋଳ ଅଫିସ, ୪।୩

ଅନୁଗୋଳ ଜିଲା କୋଲିୟାରୀ ଥାନା ଅଞ୍ଚଳର ଯୋଗେଶ୍ୱର ବେହେରାଙ୍କ ନିକଟରୁ ଗାଡ଼ି ଓ ମୋବାଇଲ ଫୋନ୍ ଲୁଟ୍ ହୋଇଛି। ସେ ଶନିବାର ସକାଳେ ଘରକୁ ଫେରୁଥିବାବେଳେ ପଳାସଗାଡ଼ିଆ ଷ୍ଟେଶନ ପାଖରୁ ଭୁଜାଲି ଦେଖାଇ ଏହି ଲୁଟ ହୋଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୨୯/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଲିଙ୍ଗରାଜ ମାଇନ୍ସରୁ ଡ୍ୟୁଟି ସାରି ଜଗନ୍ନାଥପୁର ଗ୍ରାମର ଯୋଗେଶ୍ୱର ମୋଟର ସାଇକେଲରେ ଘରକୁ ଫେରୁଥିଲେ। ତେବେ ପଳାସଗାଡ଼ିଆ ନିକଟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଭୁଜାଲି ଦେଖାଇ ମୋଟର ସାଇକେଲ (ନଂ. ଓଡି ୧୯ ଏନ୍ ୩୧୯୪) ଓ ମୋବାଇଲ ନେଇଯାଇଥିଲେ।

# ରାଜ୍ୟରେ ଅରାଜକତା ଦେଖାଦେଇଛି

ଅନୁଗୋଳ ଅଫିସ, ୪।୩

### ପ୍ରତିବାଦ ସଭାରେ ଭାଜପାର ଅଭିଯୋଗ

ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଉପରେ ଭୁବନେଶ୍ୱରଠାରେ ପୋଲିସର ମରଣାତ୍ମକ ଆକ୍ରମଣ ସହ ଅନ୍ୟାୟୋଚିତ ଭାବେ ଗିରଫ କରାଯିବା ଓ ବିଭିନ୍ନ ଥାନାରେ ଭାଜପା ପକ୍ଷରୁ ଏଫଆଇଆର ଦିଆଯିବା ପରେ ମଧ ଏତଲା କପି ପୋଲିସ ଦେଉ ନ ଥିବା ପ୍ରତିବାଦରେ ଅନୁଗୋଳ ଜିଲା ଭାଜପା ପକ୍ଷରୁ ଶନିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ରାଜ୍ୟରେ ଏକ ପ୍ରକାର ଅରାଜକତା ଦେଖାଦେଇଛି ବୋଲି ଅଭିଯୋଗ କରିଥିଲେ। ସେ କହିଥିଲେ, ରାଜ୍ୟର ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ପୋଲିସ ଗୁଳି କରି ହତ୍ୟା କଲା। ତେଣୁ ଏଠାରେ ମୁଖ୍ୟମନ୍ତ୍ରୀ ସୁରକ୍ଷିତ କି ବୋଲି ସେ ପ୍ରଶ୍ନ କରିଥିଲେ। ନବ ଦାସଙ୍କ ହତ୍ୟାକୁ ଏକମାସ ବିତି ଯାଇଥିଲେ ମଧ ରାଜ୍ୟ ସରକାର ତଦନ୍ତକୁ ବାଟବଣା କରୁଛନ୍ତି। ଯେଉଁ ପୋଲିସ ହତ୍ୟା କରିଛି ସେ କିଭଳି ତଦନ୍ତ କରିବ ବୋଲି ପାଣି ପ୍ରଶ୍ନ କରିବା ସହ ସିବିଆଇକୁ ତଦନ୍ତ ଦାୟିତ୍ୱ ଦେବା ପାଇଁ ଦାବି କରିଥିଲେ। ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇ କେତେଜଣ ବରିଷ୍ଠ ପୋଲିସ ଅଧିକାରୀ ପୋଲିସକୁ ବିଜୁ ଜନତା ଦଳର କର୍ମୀ ସଜାଇଛନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଅଗସ୍ତି ବେହେରା, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଯଯାତି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରାଜ୍ୟରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଅନ୍ୟାୟୋଚିତ ଗିରଫଦାରି ନେଇ ରାଜ୍ୟ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଥିଲେ। ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରକାଶ ମହାରଣା, ବିଜୟ ମାଝି, ବସନ୍ତ ମଞ୍ଜରୀ ପ୍ରଧାନ, ବୃନ୍ଦାବନ ବେହେରା, ଅର୍ଜୁନ କିସ୍କୁ, ବିଶ୍ୱଜିତ ମିଶ୍ର, ସୁଜାତା ଦାସ, ପ୍ରଶାନ୍ତ ନନ୍ଦ, ପ୍ରଭାତ ପ୍ରଧାନ, ପର୍ଶୁରାମ ବାରିକ, କାଳନ୍ଦୀ ପ୍ରଧାନ, ରୋଜାଲିନ ଦାସ, ସଂଘମିତ୍ରା ପ୍ରଧାନ, ନରେନ୍ଦ୍ର ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ବିକ୍ଷୋଭ ଓ ପ୍ରତିବାଦ ସଭାରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

## ସଂକ୍ଷେପରେ

### ସଖୀ ତରଫରୁ ସଚେତନତା କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୪।୩:** ଢେଙ୍କାନାଳ ସହର କଲୋନୀ ସାହିରେ ୱାନ୍ ଷ୍ଟପ୍ ସେଣ୍ଟର ସ୍କିମ୍ ସଖୀ ପକ୍ଷରୁ ବୁଧବାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘରୋଇ ହିଂସା, ବଳାତ୍କାର, ମହିଳା ଚାଲାଣ, ସାଇବର କ୍ରାଇମ, ବାଲ୍ୟ ବିବାହ ଭଳି ଅପରାଧ ଏବଂ ଦଣ୍ଡବିଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୀଡ଼ିତାଙ୍କୁ ପୋଲିସ ସହାୟତା, ଡାକ୍ତରୀ, ଆଇନ ସହାୟତା ଆଦି ବିଷୟରେ ସଚେତନ କରାଯାଇଥିଲା। ସଖୀ ସେଣ୍ଟରର କେସ ୱାର୍କର ସୌଭାଗ୍ୟ ମଞ୍ଜରୀ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ସହଯୋଗ କରିଥିଲେ।

### ନୂତନ ରୂପାନ୍ତରିତ ପାର୍କ ଉଦ୍‌ଘାଟିତ

**ପାଲଲହଡା,୪।୩(ଡି.ଏନ.ଏ.):** ପାଲଲହଡା ଉପଖଣ୍ଡ ଶାସନ ସାହିଠାରେ ଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁରୁଣା ପାର୍କକୁ ନୂତନ ଭାବେ ରୂପାନ୍ତରିତ କରାଯାଇଛି। ଶନିବାର ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ସାଏ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇଥିଲେ।

# ଧାନ କିଣାରେ ଅନିୟମିତତା, ଉତ୍ତେଜନା

## ଧାନ କିଣା ବନ୍ଦ କଲେ ଚାଷୀ

**ବଇଣ୍ଡା,୪।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ଲୁହାମୁଣ୍ଡା ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଅସାଧୁ ବ୍ୟବସାୟୀମାନେ ମିଲର ଓ ସୋସାଇଟିର କେତେଜଣ ଅଧିକାରୀଙ୍କୁ ହାତ କରି ସେମାନଙ୍କ ଧାନ ବିକ୍ରି କରିଦେଉଥିବାବେଳେ ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଏହାର ପ୍ରତିବାଦରେ ଶନିବାର କୃଷକ ସଙ୍ଗଠନ ଓ ଚାଷୀଙ୍କ ପକ୍ଷରୁ ଧାନ କିଣା ବନ୍ଦ କରଯିବାରୁ ଉତ୍ତେଜନା ଦେଖାଦେଇଥିଲା। ଭାଜପା କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ପ୍ରବୀଣ ସାହୁଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ, ଉମାକାନ୍ତ ପ୍ରଧାନ, ବସନ୍ତ ସ୍ୱାଇଁ, ହୃଷିକେଶ ପ୍ରଧାନ, ଶ୍ରୀବତ୍ସ ସାହୁ, ବିଜୟ ପ୍ରଧାନଙ୍କ ସମେତ ବହୁ ଚାଷୀ ଯୋଗଦେଇ ଆନ୍ଦୋଳନ କରିଥିଲେ।

ଚାଷୀମାନେ କହିଛନ୍ତି, ଲୁହାମୁଣ୍ଡା ସେବା ସମବାୟ ସମିତି ଉପରେ ବିଲେଇନାଳୀ, ଲୁହାମୁଣ୍ଡା, ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳୀ, କଣ୍ଟେଇକୋଳିଆ ଆଦି ୬ ପଞ୍ଚାୟତର ଚାଷୀ ନିର୍ଭରଶୀଳ। ଏହି ୬ ପଞ୍ଚାୟତର ୭୪୪ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୫୮୧ ଚାଷୀ ଧାନ ବିକ୍ରି କରିଛନ୍ତି। ଆଉ ୧୬୩ ଜଣ ଧାନ ବିକ୍ରି କରିନାହାନ୍ତି। ୬ଟି ପଞ୍ଚାୟତରେ ଚଳିତବର୍ଷ ଭଲ ଧାନ ଚାଷ ହୋଇଥିବାବେଳେ ୨୨ ହଜାର ୭୫ କୁଇଣ୍ଟାଲ କିଣିବା ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ହେଲେ ୧୭ ହଜାର ୫୦୯ କୁଇଣ୍ଟାଲ ଧାନ କିଣାଯାଇଛି। ଆଉ ୪୫୬୬ କୁଇଣ୍ଟାଲ ଧାନ ମଧ୍ୟରୁ ଫେବୃୟାରୀ ମାସରେ ବଳକା ରହିଯାଇଥିବା ଚାଷୀଙ୍କଠାରୁ ୩୮୩୪ କୁଇଣ୍ଟାଲ ଧାନ କିଣିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ହେଲେ ମାର୍ଚ୍ଚ ୪ ତାରିଖରେ ମାତ୍ର ୧୨୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଚାଷୀଙ୍କୁ ମାକ୍ସ ବଣ୍ଟନ କରାଯାଇଛି। ମଣ୍ଡି ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ଚାଲିଥିବା ଜଣାପଡିବା ପରେ ସୋସାଇଟିରେ ଉତ୍ତେଜନା ଦେଖାଯାଇଥିଲା। ଅନେକ ଚାଷୀ ୧୫ କୁଇଣ୍ଟାଲରୁ ଅଧିକା ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କୁ ୪/୫ କୁଇଣ୍ଟାଲ ବିକ୍ରି କରିବା ନିମନ୍ତେ ସୋସାଇଟି ପକ୍ଷରୁ ମାକ୍ସ ଦିଆଯାଇଛି। ଫଳରେ ଚାଷୀମାନେ ଆନ୍ଦୋଳନ କରିଥିଲେ। ଏ ନେଇ ପ୍ରଶାସନକୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଯଦି ସମସ୍ତ ଚାଷୀଙ୍କ ଧାନ କିଣା ନ ଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ସୋସାଇଟି ସହ ସମ୍ପାଦକ ଅଶୋକ ସାହୁ କୁହନ୍ତି, ସରକାରଙ୍କ ପକ୍ଷରୁ ଯେତିକି କୁଇଣ୍ଟାଲ ଧାନ କିଣିବା ପାଇଁ ଅନୁମତି ଆସିବ ସେତିକି କିଣାଯିବ।


ସୋସାଇଟି ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

# ବିଜୁ ମଇଦାନରୁ ବାହାରିବ ସାଇକେଲ ରାଲି

## ଅନୁଗୋଳ ବିଜେଡି ପାଳିବ ବିଜୁ ଜୟନ୍ତୀ

**ଅନୁଗୋଳ ଅଫିସ, ୪।୩**

ଅନୁଗୋଳ ଜିଲା ବିଜେଡି ପକ୍ଷରୁ ରବିବାର ବିଜୁ ଜୟନ୍ତୀ ପାଳନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କେବଳ ଜୟନ୍ତୀରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ନୁହେଁ, ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ବିଜେଡି ଲଢ଼େଇ କରିବ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖିଥିବା ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ମଧ୍ୟ ଲୋକଙ୍କୁ ସଚେତନ କରାଯିବ। ଜିଲାର ପ୍ରତି ନିର୍ବାଚନ ମଣ୍ଡଳୀରେ ସକାଳେ ସାଇକେଲ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଅପରାହ୍ନରେ ସାଧାରଣ ବୈଠକ ଆୟୋଜନ କରାଯିବ। ଏହି ସାଧାରଣ ବୈଠକରେ ନବୀନ ସରକାର ଗଢ଼ିବା ଠାରୁ ଅଦ୍ୟାବଧି ଓଡ଼ିଶାର ବିକାଶ ସମ୍ପର୍କରେ ପ୍ରତି ନିର୍ବାଚନ ମଣ୍ଡଳୀର ବିଧାୟକମାନେ ସେମାନଙ୍କ କର୍ମୀଙ୍କୁ ଅବଗତ କରିବେ। ଏଥିସହ ବିଭିନ୍ନ ସମୟରେ ଓଡ଼ିଶା ସରକାର ଉପସ୍ଥାପନ କରିଥିବା ବଜେଟ୍ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ଜିଲା ବିଜେଡି ସଭାପତି ମହେନ୍ଦ୍ର ବଡ଼ିଆ ସୂଚନା ଦେଇଛନ୍ତି।

ଜିଲା ସଭାପତି କହିଛନ୍ତି, ଅନୁଗୋଳ ଜିଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବିଜୁ ଜୟନ୍ତୀ ପାଳନ କରାଯିବ। ଏ ନେଇ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନୁଗୋଳ ସହର ବିଜୁ ମଇଦାନରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ନେତା ଓ ଯୁବ ନେତାମାନେ ସାଇକେଲରେ ଯାତ୍ରା କରିବେ। ୨୦୦ ସାଇକେଲରେ ବିଜୁ ଜନତା ଦଳର କର୍ମୀମାନେ ସହରରେ ପ୍ରାୟ ୫ କିଲୋମିଟର ବୁଲିବେ। ଏ ନେଇ ସହରର ସମସ୍ତ କାଉନସିଲରଙ୍କୁ ସାଇକେଲ ଆଣିବା ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ସାଇକେଲ ରାଲି ବିଜୁ ମଇଦାନ ଠାରୁ ବାହାରି ଥାନା ଛକ ଦେଇ ରାଜା ଛକ, ମେଡିକାଲ ଛକ, ବଜାର ଛକ, ହରିମହୁରୀ ଛକ, ମିଶ୍ରପଡ଼ା ଛକ, ବିଇଡି କଲେଜ ଛକ ଦେଇ ପୁଣି ବିଜୁ ମଇଦାନ ଠାରେ ପହଞ୍ଚିବ। ଏଥିସହ ମେଡିକାଲ, ଆଶ୍ରମ ଓ କୃଷ୍ଣାଶ୍ରମରେ ଫଳ ବଣ୍ଟନ କରାଯିବ। ଅପରାହ୍ନରେ ଜିଲାରେ ଥିବା ୫ଟି ନିର୍ବାଚନ ମଣ୍ଡଳୀରେ ସାଧାରଣ ସଭା ଆୟୋଜନ କରାଯିବ। ସେହିପରି ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ବିଜୁ ଜନତା ଦଳ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆସନ୍ତା ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମହିଳା ସମାବେଶ ମଧ୍ୟ ଆୟୋଜନ କରାଯିବ। ଏହି ସମାବେଶରେ ମହିଳାଙ୍କୁ ସମ୍ମାନ, ସମାନତା ଓ ସଶକ୍ତୀକରଣ ଉପରେ ଆଲୋଚନା କରାଯିବ ବୋଲି ଜିଲା ବିଜେଡି ସଭାପତି ବଡ଼ିଆ ପ୍ରକାଶ କରିଛନ୍ତି।

# ୩ ଦିନ ଧରି ଚାଲିବ ନାମଯଜ୍ଞ

**ମାଧପୁର,୪।୩**

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଟିଡ଼ିରିକଟା ଗ୍ରାମରେ ଶନିବାରଠାରୁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ଗ୍ରାମର ବହୁ ମହିଳାପୁରୁଷ ନିକଟସ୍ଥ ନାଳରୁ କଳସରେ ଜଳ ଆଣି ପୂଜା ସ୍ଥାନରେ ସ୍ଥାପନ କରିଥିଲେ। ପୂଜକ ପୁରଞ୍ଜନ ଚାନ୍ଦ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ ଆରମ୍ଭ କରିଥିଲେ। ଏହି ନାମଯଜ୍ଞ ତିନିଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ହରିହାଟର ବ୍ୟବସ୍ଥା କରାଯିବ। ଏଥିରେ ୭୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବାବେଳେ ଆଖ ପାଖ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଉଛନ୍ତି। ସଭାପତି ରଞ୍ଜିତ ପ୍ରଧାନ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ, କମିଟି ସଦସ୍ୟ ନବ ପ୍ରଧାନ, ଯତୀନ୍ଦ୍ର ପ୍ରଧାନ, ହମିଦ ବେହେରା, ବଳଭଦ୍ର ପ୍ରଧାନ, ପ୍ରମୋଦ ବେହେରା, ରମେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗ୍ରାମର ସମସ୍ତ ଉତ୍ସାହୀ ଯୁବକମାନେ ସହଯୋଗ କରିଥିଲେ।



# ସଂସ୍କାର ଶିକ୍ଷାକୁ ଅଗ୍ରାଧିକାର ଦେବାକୁ ପରାମର୍ଶ



ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି।

**ପରଜଙ୍ଗ, ୪।୩(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ ଜଟିଆ ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରତିମା ମିଶ୍ର, ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ବିଶ୍ୱାଳ, ଶାରୀରିକ ଶିକ୍ଷା ଶିକ୍ଷକ ଅଶୋକ ମହାନ୍ତି, ଲାଇବ୍ରେରିଆନ ରାଧାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସମୟାନୁବର୍ତ୍ତୀ ଏବଂ ସଂସ୍କାର ଶିକ୍ଷାକୁ ଅଗ୍ରାଧିକାର ଦେବା ଲାଗି ନିବେଦନ କରିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ୨୦୩ ଛାତ୍ରୀଛାତ୍ରଙ୍କୁ ପାଠ୍ୟପକରଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ କାହାଣୀ ମାଧ୍ୟମରେ ସାବଲୀଳ ଢଙ୍ଗରେ ପିଲାମାନଙ୍କୁ ଉପାଦେୟ ବିଷୟରେ ଧାରଣା ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ବେହେରାଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ଶନିଶ୍ଚରଙ୍କ ଶିଳା ପ୍ରତିଷ୍ଠା ଉତ୍ସବ



**ବଇଣ୍ଡା,୪।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ଥିବା ଶନିମନ୍ଦିରର ଶିଳା ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟପୂଜା କରାଯିବା ପରେ ଶିଳାର ପ୍ରାଣ ପ୍ରତିଷ୍ଠାତା କରାଯାଇଥିଲା। ପରେ ରୀତିନୀତି ଅନୁସାରେ ପୂଜା କରାଯିବା ସହ ହୋମଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ନାରାୟଣ ପ୍ରଧାନ ଓ ତାଙ୍କ ସ୍ତ୍ରୀ ରତ୍ନମୟୀ ସାହୁ ଯୋଗ ଦେଇଥିଲେ। ପୂଜକ ମଦନ ମୋହନ ମିଶ୍ର, ରାଜେଶ ମିଶ୍ର, ପ୍ରକାଶ ମିଶ୍ର, ଲଛମନ ଦାସ ପ୍ରମୁଖ ପୂଜା କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ସୁଦାମ ଚରଣ ସାହୁ, ପ୍ରଫୁଲ୍ଲ ପ୍ରଧାନ, ସଞ୍ଜୟ ସାହୁ ସହଯୋଗ କରିଥିଲେ।

# ବାଇକ୍‌ରେ ଚାଲାଣ ହେଉଛି ଚୋରା ମଦ

**ବଇଣ୍ଡା,୪।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳରେ ଏବେ ଚୋରା ଦେଶୀ ମହୁଲି ଓ ବିଦେଶୀ ମଦ କାରବାର ବୃଦ୍ଧିପାଉଛି। ବିଶେଷକରି ବାଇକ୍ ଯୋଗେ ବିଭିନ୍ନ ଗ୍ରାମକୁ ଏହି ଚୋରା ଚାଲାଣ କରାଯାଉଥିବା ବଇଣ୍ଡା ଗ୍ରାମବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ନକଲ ଅନୁଗୋଳ ଏସ୍‌ପି, ଅନୁଗୋଳ ଅବକାରୀ ବିଭାଗର ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ବଇଣ୍ଡା ଫାଣ୍ଡି ଅଧୀନରେ ଥିବା ଅନେକ ଗ୍ରାମରେ ଏବେ ଚୋରା ଦେଶୀ ମହୁଲି ମଦ ଓ ବିଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳରେ ଥିବା କେତେକ ତେଜରାତି ଦୋକାନ, ପାନ ଦୋକାନ, ଝୁମ୍ପୁଡି ହୋଟେଲରେ ଏହି କାରବାର ହେଉଛି। ଏକ ମଦ ଦୋକାନ ଓ ଦେଶୀ ମଦ ଭାଟି ପକ୍ଷରୁ କେତେଜଣ କର୍ମଚାରୀ ବାଇକ୍ ଯୋଗେ ପ୍ରତ୍ୟେକ ଦିନ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ଥିବା ଗ୍ରାମଗୁଡିକକୁ ଏହି ଚୋରା ଚାଲାଣ କରୁଛନ୍ତି। ଏଥିସହ ଚୋରା ମଦ ବ୍ୟବସାୟୀମାନେ ପୋଲିସ ଓ ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ ଗୁଞ୍ଜା ଦେଇ ନିରାପଦରେ ଏହି ଚୋରା ବ୍ୟବସାୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଚୋରା କାରବାର ଯୋଗୁ ଗ୍ରାମାଞ୍ଚଳରେ ସନ୍ଧ୍ୟା ହେଲେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଛି। ଏ ନେଇ ଅବକାରୀ ଓ ପୋଲିସ ବିଭାଗ ନିକଟରେ ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଅନୁଗୋଳ ଜିଲା ଏସ୍‌ପି ଦୃଷ୍ଟି ଦେଇ ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ରଞ୍ଜିତା ହରିଚନ୍ଦନ କହିଛନ୍ତି, ବିଭାଗ ପକ୍ଷରୁ ଚଢାଉ କରାଯାଉଛି।

## କୂଅରୁ ବୃଦ୍ଧଙ୍କ ମୃତଦେହ ଜବତ

**ଛେଣ୍ଡିପଦା,୪।୩(ସ୍ୱ.ପ୍ର)**

ଛେଣ୍ଡିପଦା ଥାନା ପୋଡାପଡା ଗ୍ରାମ ବାହାଳବନ୍ଧ ନିକଟରେ ଥିବା ଏକ ଖୋଲା କୂଅରୁ ସେହି ଗ୍ରାମର ଲମ୍ବୋଦର ପ୍ରଧାନ(୭୦)ଙ୍କ ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, ଲମ୍ବୋଦର ଦୁଇଦିନ ହେବ ନିଖୋଜ ଥିଲେ। ଶନିବାର ସକାଳେ ଗ୍ରାମର କେତେଜଣ ଲୋକ ବାହାଳବନ୍ଧକୁ ଗାଧୋଇବାକୁ ଯାଉଥିବାବେଳ ବନ୍ଧ ନିକଟ ବୈଷ୍ଣବ ନାଏକଙ୍କ କୂଅରେ ଲମ୍ବୋଦରଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ଛେଣ୍ଡିପଦା ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଲମ୍ବୋଦରଙ୍କ ମୃତଦେହ ଜବତ କରି ଛେଣ୍ଡିପଦା ପୋଲିସକୁ ହସ୍ତାନ୍ତର କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କେସ୍ ନଂ. ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଛତୁ ଚାଷ ପ୍ରଶିକ୍ଷଣ

**ସାତମାଇଲ, ୪।୩(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଚିଉଲପୁର ପଞ୍ଚାୟତ ପଞ୍ଚପଡ଼ାସ୍ଥିତ ଅରବିନ୍ଦ ବିଦ୍ୟାଳୟଠାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆନୁକୂଲ୍ୟରେ ଛତୁ ଚାଷ ସମ୍ବନ୍ଧୀୟ ଏକ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅମୀୟ ରଞ୍ଜନ ପରିଡ଼ା, ଅଜିତ ସ୍ୱାଇଁ କୃଷି ବିଭାଗର ଓଭରସିୟର ଫକୀର ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛତୁଚାଷକୁ ମାଧ୍ୟମ କରି ସଫଳ ଉଦ୍ୟୋଗୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

ପ୍ରଶିକ୍ଷାର୍ଥୀମାନେ ସ୍ଥାନୀୟ ଅଞ୍ଚଳରେ ସଫଳ ଛତୁ ଚାଷୀ ସିଲୋନ କୁମାର ପାଳଙ୍କ ଫାର୍ମ ବୁଲି ଜ୍ଞାନ ଆହରଣ କରିଥିଲେ। ହିନ୍ଦୋଳ ବନାଞ୍ଚଳର ବହୁ ବନ ସୁରକ୍ଷା ସମିତି ସଦସ୍ୟା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବନ କର୍ମଚାରୀ ସନ୍ଦୀପ ପ୍ରଧାନ, ପ୍ରଦୀପ ବେହେରା, ସୁଶାନ୍ତ ଦ୍ୱିବେଦୀ, ସଙ୍ଗୀତା ସାହୁ, ପଞ୍ଚପଡ଼ା ବନସୁରକ୍ଷା ସମିତିର ସଭାପତି ସୁଶାନ୍ତ ପତି , କୋଷାଧ୍ୟକ୍ଷା ଅସୀମା ପଣ୍ଡା , ପୂର୍ବତନ ସରପଞ୍ଚ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବନ ବିଭାଗର ସୌରଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଅତିଥିମାନେ।

## ଘର ପୋଡ଼ି ଅଭିଯୋଗ

**ବଇଣ୍ଡା,୪।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ଗ୍ରାମର ଗୌରୀ ବେହେରାଙ୍କ ଘରକୁ ତାଙ୍କ ପୁଅ ପ୍ରଫୁଲ୍ଲ ବେହେରା ଓ ପ୍ରଦୀପ ବେହେରା ପୋଡି ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୫୨/୨୩ରେ ମାମଲା ରୁଜୁ କରି ପ୍ରଫୁଲ୍ଲଙ୍କୁ ଗିରଫ କରିଥିବାବେଳେ ପ୍ରଦୀପ ଫେରାର ରହିଛନ୍ତି। ପୋଲିସ କହିଛି, ଗୌରୀଙ୍କ ପାଖରେ ରହୁଥିବା ଝିଅ ଲିଜା ଓ ଜ୍ୱାଇଁ ସୁଧୀରଙ୍କୁ ପୁଅ ପ୍ରଫୁଲ୍ଲ ଓ ପ୍ରଦୀପ ମାଡ଼ ମାରିଥିଲେ। ପ୍ରତିବାଦ କରିବାରୁ ଉଭୟେ ଗୌରୀଙ୍କ ଘର ପୋଡି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଗୌରୀଙ୍କ ଅଭିଯୋଗକୁ ନେଇ ପୋଲିସ ନଂ. ୫୨/୨୩ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ପ୍ରଫୁଲ୍ଲ ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ଜମିବାଡ଼ି ସମସ୍ୟାକୁ ନେଇ ସୁଧୀର ତାଙ୍କୁ ଏକ ଶାବଳ ଦ୍ୱାରା ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୫୩/୨୩ରେ ଏକ ମାମଲା ରୁଜୁ କରିଛି।

# ଜଳିଗଲା ୮ ବଖରା

**ହାଟଡ଼ିହୀ,୪।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବିରିଡ଼ି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ମନୁ ବ୍ରହ୍ମ ଓ ଅଲେଖ ରାଉତଙ୍କ ୮ ବଖରା ଜଳିଯାଇଛି। ଖବର ପାଇ ହାଟଡ଼ିହୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ଘର ସମସ୍ତ ଧାନ, ଚାଉଳ, ଆସବାପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ତୁରନ୍ତ ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଦାବି କରିଛନ୍ତି।

# ପ୍ରାକ୍ ଶିକ୍ଷାରେ ଅଙ୍ଗନୱାଡ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାସୋଳ, ୪।୩(ଡି.ଏନ୍.ଏ.)**

ହିନ୍ଦୋଳର ସ୍ୱେଚ୍ଛାସେବୀ ସଂସ୍ଥା ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ପି, ୟୁଏସ୍‌ଏର ମିଳିତ ଆନୁକୂଲ୍ୟରେ ଅଙ୍ଗନୱାଡି କର୍ମୀଙ୍କ ୨ ଦିନିଆ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ କୋମଳମତି ଶିଶୁମାନଙ୍କ ପ୍ରାକ୍ ଶିକ୍ଷା କ୍ଷେତ୍ରରେ ଅଙ୍ଗନୱାଡିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ସିଡିପିଓ ତିଳୋତ୍ତମା ମାଝି, ଅନୁଷ୍ଠାନର ସଭାପତି ଶ୍ରୀନିବାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କର୍ମୀ ସ୍ୱାଗତିକା ରାଉତ, ସୌମ୍ୟଶ୍ରୀ ସାହୁ, ପ୍ରିୟଲତା ପରିଡ଼ା, ସବିତାରାଣୀ ପାତ୍ର ପ୍ରମୁଖ ମୁକ୍ତ ଖେଳ, ପ୍ରାତଃ ସଙ୍ଗୀତ, ଅଙ୍ଗନୱାଡିର ନିୟମ, ଉପସ୍ଥାନ, ପାଣିପାଗ, ପଞ୍ଜିକା, ଅଭିନୟ ସଙ୍ଗୀତ, ଶବ୍ଦ ଏବଂ ସଂଖ୍ୟା ଗଣନା, ଖେଳ ସଙ୍ଗୀତ, ବାର୍ତ୍ତାଳାପ ଆଦି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୧୨ ପଞ୍ଚାୟତର ୩୫ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ସମ୍ପାଦକ ରାଜେନ୍ଦ୍ର ପାଳଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

# 'ମହିଳାଙ୍କୁ ସମ୍ମାନରେ ଦେଶର ପ୍ରଗତି'

**କାମାକ୍ଷାନଗର, ୪।୩(ଡି.ଏନ୍.ଏ.)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କାମାକ୍ଷାନଗର ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଏକ ରାଲି ଶନିବାର ନଗର ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଛି। ସିଡିପିଓ ଶୈଳେନ୍ଦ୍ରୀ ପଟେଲଙ୍କ ନେତୃତ୍ୱରେ ବାହାରିଥିବା ଏହି ଶୋଭାଯାତ୍ରାରେ ମହିଳାଙ୍କ ସୁରକ୍ଷା, ଅଧିକାର, ହିଂସା ରୋକିବା, କନ୍ୟା ଭ୍ରୂଣ ହତ୍ୟା ବନ୍ଦ, ବାଳିକା ଶିକ୍ଷା, କିଶୋରୀ ଶକ୍ତି ଯୋଜନା ଆଦି ବିଷୟରେ ସ୍ଲୋଗାନ ଦିଆଯାଇଥିଲା। ମହିଳାଙ୍କୁ ସମ୍ମାନ ଦେଲେ ଦେଶର ପ୍ରଗତି ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଉପନଗରପାଳ ଶକୁନ୍ତଳା ସେଠୀ, କାଉନ୍‌ସିଲର ସୌମ୍ୟାଶ୍ରୀ ଜୀ, ଲୋପାମୁଦ୍ରା ନାୟକ, ରୀତାଞ୍ଜଳି ନାୟକ, ସୁପରଭାଇଜର ସୁଷମା ସେଠୀ, କଲ୍ୟାଣୀ ସାମଲ, ମଞ୍ଜରୀ ସାହୁ, ବବିତା ମହାଳିକ, ଦୀପ୍ତିଲତା ନାୟକ, ମଧୁସ୍ମିତା ପାତ୍ର, ସ୍ୱର୍ଣ୍ଣଲତା ସାହୁ, ଅଙ୍ଗନୱାଡିକର୍ମୀ ରୁନୁବାଳା ସାହୁ, ଝୁନୁରାଣୀ ସେଠୀ, ଯଶୋବନ୍ତୀ ଖୁଣ୍ଟିଆ, ସୁଷମାବାଳା ଖଟୁଆ, ରଶ୍ମିତା ସାହୁ, ଶ୍ରଦ୍ଧାଞ୍ଜଳି ବାହାଲିଆ, ମିଶନ ଶକ୍ତି ସଂଘ ସଭାପତି ନମିତା ସାହୁ, ଅଞ୍ଜଳି ବାରିକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଗତ ୨ରୁ ୮ ତାରିଖ ଯାଏ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଥିବା ସିଡିପିଓ ସୂଚନା ଦେଇଛନ୍ତି।



ଶୋଭାଯାତ୍ରାରେ ମହିଳାମାନେ।

# ପ୍ଲାଟିନମ ଜୁବିଲି ଉପଲକ୍ଷେ ବୈଠକ

**ଛେଣ୍ଡିପଦା,୪।୩(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଉଚ୍ଚବିଦ୍ୟାଳୟ ପକ୍ଷରୁ ପ୍ଲାଟିନ ଜୁବିଲି ପାଳନ କରାଯିବା ନିମନ୍ତେ ଏକ ସଭା ଗୃହଠାରେ ଶୁକ୍ରବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ପ୍ରଧାନଙ୍କ ଆହ୍ୱାନକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ନାରାୟଣ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସାନନ୍ଦ ସାହୁ, କହ୍ନେଇ ସାହୁ, ତ୍ରିନାଥ ରାଉତ, ଲିଙ୍ଗରାଜ ପ୍ରଧାନ, ଭୀମସେନ ସାହୁ, ଡମ୍ବରୁଧର ବେହେରା, ଲମ୍ବୋଦର ସାହୁ, ଅରୁଣ ସାହୁ, ଶମ୍ଭୁନାଥ ସାହୁ, କ୍ଷୀରୋଦ ସାହୁ, ପଙ୍କଜ ସାହୁ, ବିନୟ ପ୍ରଧାନ, ମନୋଜ ବେହେରା, ସାଗର ସାହୁଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ଆସନ୍ତା ୨୬ ତାରିଖରେ ପୁନର୍ବାର ବୈଠକ ହେବ ବୋଲି ସ୍ଥିର ହୋଇଛି। ବୈଠକରେ ଜୁବୁଲିକୁ ସୂଚାରୁ ରୂପେ କିପରି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଆଗାମୀ ବୈଠକରେ ପ୍ରତ୍ୟେକ ବର୍ଷର ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଜୁବିଲି ପାଳନ ପାଇଁ ସେମାନଙ୍କ ସୁଚିନ୍ତିତ ମତାମତ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



## ସଂକ୍ଷେପରେ

### ୧୭ରୁ ଇସ୍କନ୍‌ରେ ଭାଗବତ କଥା

**ଢେଙ୍କାନାଳ ଅଫିସ, ୪।୩:** ଢେଙ୍କାନାଳ ଇସ୍କନ୍ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ୧୭ ତାରିଖରୁ ୩ଦିନ ବ୍ୟାପୀ ଭାଗବତ କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଢେଙ୍କାନାଳ ସହରରେ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶାଖାର ମୁଖ୍ୟ ପ୍ରେମ୍ କିଶୋର ଦାସ ସୂଚନା ଦେଇଛନ୍ତି। ଏହି ଅବସରରେ ଭାଗବତ କଥା, ଉଦଣ୍ଡ କୀର୍ତ୍ତନ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଇସ୍କନ ଶାଖା ଖୋଲିଛି। ଓଡ଼ିଶା ପ୍ରାନ୍ତ ଜୋନାଲ ସମ୍ପାଦକ ଗୁର ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜ ପ୍ରବଚନ ଦେବେ ବୋଲି ସୂଚନା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବଇଣ୍ଡା,୪।୩(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲାଠାରେ ଥିବା ଶିବ ମନ୍ଦିରର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ପୋଖରୀରୁ କଳସରେ ପାଣି ଆଣିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ଯଥା ରୀତିରେ ପୂଜା କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆମନ୍ତ୍ରିତ ହୋଇ ଆସିଥିବା ସଂକୀର୍ତ୍ତନମଣ୍ଡଳୀ ନାମଯଜ୍ଞରେ ଅଂଶଗ୍ରହଣ କରିଥିଲେ। ଫକୀରମୋହନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସୁକାନ୍ତିବାଳା ପ୍ରଧାନ କର୍ତ୍ତା ଭାବେ ଯୋଗଦେଇଥିଲେ। ପୂଜକ ରାଜେନ୍ଦ୍ର ମିଶ୍ର ପୂଜା କରିଥିଲେ। ମନ୍ଦିର ପୂଜକ ସର୍ବେଶ୍ୱର ମହାପାତ୍ର, କାଳୀ ମନ୍ଦିର ପୂଜକ ଚନ୍ଦ୍ରମଣି ଶଙ୍ଖାର ସହଯୋଗ କରିଥିଲେ। ଗ୍ରାମ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, କୁଞ୍ଜ ବିହାରୀ ଦେହୁରୀ, ସୁଦାମ ଚରଣ ପ୍ରଧାନ, ବେଣୁଧର ଦେହୁରୀ, ଭୀଷ୍ମ ଦେହୁରୀ, ମାନସ ସାହୁ, ତ୍ରିନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଦୁଦୁରକୋଟରେ ଅଷ୍ଟପ୍ରହର ନାମଯଜ୍ଞ

**ସାତମାଇଲ, ୪।୩(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଦୁଦୁରୁକୋଟ କରଣସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ମଙ୍ଗଳବାର ୧୦୮ ଶ୍ରଦ୍ଧାଳୁ ଗଡ଼ବନ୍ଧରୁ ଜଳପୂର୍ଣ୍ଣ କଳସ ଧରି ନଗର ପରିକ୍ରମା କରିବା ପରେ ମଣ୍ଡପରେ ସ୍ଥାପନ କରିଥିଲେ। ୧ ତାରିଖ ପ୍ରତ୍ୟୁଷରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଆଚାର୍ଯ୍ୟ ଭାବେ ଶାନ୍ତନୁ ରଥ, କର୍ତ୍ତା ଭାବେ ଦିଲୀପ ପଟ୍ଟନାୟକ ଏବଂ ଚମ୍ପାବତୀ ପଟ୍ଟନାୟକ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ୩୮ ଗ୍ରାମର ନାମସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ଗୁରୁବାର ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ପରମ୍ପରା ଅନୁଯାୟୀ ଦହିହାଣ୍ଡି ଭଙ୍ଗାଯିବା ପରେ ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ନିମନ୍ତେ ସାମୂହିକ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା ପୂଜା କମିଟି ସଭାପତି ବେଣୁଧର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରଣସାହିବାସୀ ଏଥିସହ ସହଯୋଗ କରିଥିଲେ।

# ପର୍ଯ୍ୟଟନରେ ପୂର୍ଣ୍ଣଛେଦ


'ନନ୍ଦିନିଆ'ରେ ଥିବା ପ୍ରାଚୀନ ଗୁମ୍ଫା।



- ପର୍ଯ୍ୟଟନସ୍ଥଳୀ ମାନ୍ୟତାରୁ 'ନନ୍ଦିନିଆ' ବାଦ୍
- ବ୍ୟାଘ୍ର କରିଡରରେ ସାମିଲ ପରେ କଟକଣା
- ସଂରକ୍ଷିତ ଜଙ୍ଗଲରେ ପର୍ଯ୍ୟଟକଙ୍କ ପ୍ରବେଶ ବାରଣ
- ଇକୋ ଟୁରିଜମ୍ ଭାବେ ବିକଶିତ କରିବାକୁ ଦାବି

**ଢେଙ୍କାନାଳ ଅଫିସ, ୪।୩**

ସାତକୋଶିଆ ବ୍ୟାଘ୍ର କରିଡରରେ ସାମିଲ କରାଯିବା ପରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର 'ନନ୍ଦିନିଆ' ପର୍ଯ୍ୟଟନସ୍ଥଳୀ ମାନ୍ୟତାରୁ ବାଦ୍ ପଡ଼ିଛି। ବିବିଧ ବନ୍ୟଜୀବନରେ ଭରପୂର ଏହି ଜଙ୍ଗଲରେ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଫଳରେ 'ନନ୍ଦିନିଆ'ରେ ପର୍ଯ୍ୟଟନକୁ ନେଇ ରହିଥିବା ସମସ୍ତ ସମ୍ଭାବନାରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି ରିଜର୍ଭ ଫରେଷ୍ଟରେ କଲରାପତରିଆ ସଂଖ୍ୟା ବୃଦ୍ଧି ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳାଇ ଦେଇଥିବାବେଳେ ଏହା ପର୍ଯ୍ୟଟନ ମାନଚିତ୍ରରୁ ବାଦ୍ ପଡ଼ିବା ଅନେକଙ୍କୁ ନିରାଶ କରିଛି। ଏହାକୁ ଇକୋ ଟୁରିଜମ ଭାବେ ବିକାଶ କରିବା ସହ ସଫାରି ପାଇଁ ପଦକ୍ଷେପ ନିଆଗଲେ ପ୍ରକୃତିପ୍ରେମୀମାନେ ଅତି ନିକଟରୁ ବାଘ, ହାତୀ ଭଳି ଜଙ୍ଗଲୀ ଜୀବଙ୍କୁ ଦେଖିବାର ସୁଯୋଗ ପାଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଢେଙ୍କାନାଳ ବନଖଣ୍ଡର ହିନ୍ଦୋଳ ରେଞ୍ଜ ଅଧୀନ ନନ୍ଦିନିଆ ସଂରକ୍ଷିତ ଜଙ୍ଗଲ ପ୍ରକୃତିର ବରଦାନ। ଏଠାକାର ବିସ୍ତୀର୍ଣ୍ଣ ବନଭୂମି, ସବୁଜିମାମୟ ପରିବେଶ ପର୍ଯ୍ୟଟକଙ୍କୁ ବାନ୍ଧି ରଖିବା ଲାଗି ଯଥେଷ୍ଟ। ଜିଲାର କଲରାପତରିଆଙ୍କ ଅନ୍ୟତମ ଅନ୍ତୁଡ଼ିଶାଳ ତଥା ସାତକୋଶିଆ ସୀମାନ୍ତ ଏହି ଜଙ୍ଗଲକୁ ନିକଟରେ ବ୍ୟାଘ୍ର କରିଡରରେ ସାମିଲ କରାଯାଇଛି। ବାଘଙ୍କ ପ୍ରାକୃତିକ ଆବାସସ୍ଥଳୀରୁ ମଣିଷଙ୍କୁ ଦୂରେଇ ରଖିବା ଏବଂ ସେଠାରେ ମନୁଷ୍ୟକୃତ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଲାଗି ନନ୍ଦିନିଆରେ ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। ହେଲେ ବନ ବିଭାଗର ଏହି କଟକଣା ଏଠାକାର ପର୍ଯ୍ୟଟନ ଶିଳ୍ପକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି।

'ନନ୍ଦିନିଆ' ସଂରକ୍ଷିତ ଜଙ୍ଗଲରେ ଥିବା ପ୍ରାଚୀନ ଗୁମ୍ଫାରେ କେଉଁ ଆବହମାନ କାଳରୁ ଚତୁର୍ଦ୍ଧା ମୂର୍ତ୍ତି ପୂଜାପାଇ ଆସୁଛନ୍ତି। ସଂକ୍ରାନ୍ତି, ଅମାବାସ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଏଠାରେ ସମବେତ ହୋଇ ସଂକୀର୍ତ୍ତନ କରିଥାଆନ୍ତି। ଏଠାରେ ଥିବା ବଡ଼ପଥର କୁଣ୍ଡରେ ବର୍ଷାଦିନେ ପାଣି ସଂରକ୍ଷିତ ହୋଇ ରୁହେ। ସେଠାରେ ଝରଣା ଭଳି ପାହାଡ଼ ତଳକୁ ପ୍ରବାହିତ ହୋଇଥାଏ। ସନାତନ ସଂସ୍କୃତିର ଭାବାବେଗ ସହିତ ଜଡ଼ିତ ଏହି ସ୍ଥାନ ଆଧାତ୍ମିକତା ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବାବେଳେ ପର୍ଯ୍ୟଟନ ଋତୁରେ ଏଠାରେ ଅସମ୍ଭାଳ ଭିଡ଼ ହୋଇଥାଏ। ହେଲେ କଟକଣା ଲାଗୁ ପରେ ଏଠାରେ ଆଉ ବଣଭୋଜି ହୋଇପାରିବ ନାହିଁ, ଯାହା ପର୍ଯ୍ୟଟକଙ୍କୁ ନିରାଶ କରିଛି। ଅନ୍ୟପଟେ ନିକଟରେ ବ୍ୟାଘ୍ର କରିଡରରେ ସାମିଲ ହେବା ପରେ ଏହାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ସାଧାରଣ ଲୋକଙ୍କ ଅନଧିକାର ପ୍ରବେଶ ବନ୍ଦ କରିବା ଲାଗି 'ନନ୍ଦିନିଆ'ର ପ୍ରବେଶ ପଥରେ ଏକ ଚେକ୍‌ଗେଟ୍ ଲଗାଯାଇଛି। ବନ କର୍ମଚାରୀ, ଏଲିଫ୍ୟାଣ୍ଟ ସ୍କ୍ୱାଡ୍ କର୍ମଚାରୀ ଦିନରାତି ପାଟ୍ରୋଲିଂ କରୁଛନ୍ତି।

ଏ ସଂକ୍ରାନ୍ତରେ ଅଞ୍ଚଳର ଯୁବ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାଳ କୁହନ୍ତି, ହିନ୍ଦୋଳ ଏନଏସିଠାରୁ ନନ୍ଦିନିଆର ଦୂରତା ମାତ୍ର ୪ କିଲୋମିଟର। ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ବାରମ୍ବାର ଦାବି କରାଯାଇଛି। ହେଲେ ଏହାକୁ ସାତକୋଶିଆ ବ୍ୟାଘ୍ର କରିଡରରେ ସାମିଲ କରାଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଜଙ୍ଗଲ ଭିତରକୁ କାହାରିକୁ ପ୍ରବେଶ କରାଇ ଦିଆଯାଉନାହିଁ। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ସଂରକ୍ଷିତ ଜଙ୍ଗଲର ମାନ୍ୟତା ପାଇଥିବାରୁ 'ନନ୍ଦିନିଆ' ପର୍ଯ୍ୟଟନ ସ୍ଥଳୀ ମାନ୍ୟତାରୁ ବଞ୍ଚିତ ହୋଇଛି। ଏଠାରେ ଇକୋ ଟୁରିଜ୍ମ ପାଇଁ ପ୍ରସ୍ତାବ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

# 'ଘର ଖଣ୍ଡେ ଦିଅ, ମଲା ପରେ ନେଇଯିବ'

## ଅସହାୟା ତୁଳସୀଙ୍କ ଆକୁଳ ନିବେଦନ

**କାମାକ୍ଷାନଗର, ୪।୩(ଡି.ଏନ୍.ଏ.)**



'ମୋର ନିଜର ବୋଲି କେହି ନାହାନ୍ତି। ପର ଘରେ କାମ କଲେ ଚୁଲି ଜଳୁଛି। ଘର ନ ଥିବାରୁ ଭଡ଼ାରେ ରହୁଛି। ମାସ ସାରା ଖଟିଲେ ଯାହା ମିଳୁଛି, ସେସବୁ ଘରଭଡ଼ାରେ ଯାଉଛି। ମତେ ଘରଟେ ସୁବିଧା କରିଦିଅ। ମୁଁ ମଲା ପରେ ତାକୁ ନେଇଯିବ। ଆଉ କେଉଁ କାମରେ ଲଗାଇବ।' ଆବାସ ଯୋଜନାରେ ସାମିଲ କରିବା ପାଇଁ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏଭଳି ଢଙ୍ଗରେ ନେହୁରା ହୋଇଛନ୍ତି ୭୦ ବର୍ଷୀୟ ବୃଦ୍ଧା ତୁଳସୀ ଦଳେଇ, ଯାହା ପ୍ରଶାସନିକ ଅଧିକାରୀଙ୍କୁ ଏ ବିଷୟରେ ଭାବିବାକୁ ବାଧ କରିଛି।

ପରଜଙ୍ଗ ବ୍ଲକ କଙ୍କଡ଼ାସୋଡ଼ା ଗ୍ରାମ ନିବାସୀ ତୁଳସୀ ସ୍ୱାମୀ ପରିତ୍ୟକ୍ତା। ସ୍ୱାମୀ ହାତ ଛାଡ଼ି ଚାଲିଯିବା ଦିନରୁ ସେ କାମାକ୍ଷାନଗରରେ ରହୁଛନ୍ତି। ପେଟପାଟଣା ପାଇଁ ପର ଘରେ ବାସନ ମାଜନ୍ତି। ନଡ଼ିଆ ଖଡ଼ିଆ ଝାଡୁ ତିଆରି କରି ବିକନ୍ତି। କେବେକେବେ ମୂଲ ମଜୁରି ମଧ ଖଟନ୍ତି। ହେଲେ ଘର ଖଣ୍ଡିଏ ନ ଥିବାରୁ ସେ ଭଡ଼ା ଘରେ ରହୁଛନ୍ତି। ତେଣୁ ଯେତେ କଷ୍ଟ କଲେ ବି ସବୁ ପଇସା ସେଥିରେ ଚାଲିଯାଉଛି। ଯଦିଓ ସରକାରଙ୍କ ତରଫରୁ ତାଙ୍କୁ ରାଶନକାର୍ଡରେ ୫ କେଜି ଚାଉଳ ମିଳୁଛି, ତଥାପି ସେଥିରେ ଚଳିବା କଷ୍ଟକର। ତେଣୁ ତାଙ୍କୁ ଘର ଖଣ୍ଡିଏ ଯୋଗାଇଦେବାକୁ ସେ ଗତ ମାସ ୧୪ ତାରିଖରେ ଜିଲାପାଳଙ୍କୁ ଜଣାଇଥିଲେ। ଏ ବିଷୟରେ କାମାକ୍ଷାନଗର ବିଡିଓ, ଏନ୍‌ଏସି କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ ମଧ ସୁଫଳ ମିଳି ନ ଥିଲା। ସବୁଆଡୁ ନିରାଶ ହେବା ପରେ ସେ ଶନିବାର ଜିଲାପାଳଙ୍କୁ ସାକ୍ଷାତ୍ କରିବା ସହ କାମାକ୍ଷାନଗର ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅସହାୟା ତୁଳସୀଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଠକାମି ବିବାହ ନିରୋଧୀ ଆଇନ ପ୍ରଣୟନ ଦାବି

**ଢେଙ୍କାନାଳ ଅଫିସ, ୪।୩**

ଠକାମି ବିବାହ ସାମାଜିକ ବ୍ୟାଧି ପାଲଟିଛି। ବିବାହ ପରବର୍ତ୍ତୀ ସମୟରେ ଠକେଇର ଶିକାର ହେଉଥିବା ମହିଳାଙ୍କ ଜୀବନ ଦୁର୍ବିଷହ ହୋଇପଡୁଛି। ଏହାକୁ ରୋକିବା ଲାଗି ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଲାଗି ଦାବି କରିଛି ଢେଙ୍କାନାଳ ବୁଦ୍ଧିଜୀବୀ ସଙ୍ଗଠନ। ବିବାହ ସ୍ଥିର ହେବା ପୂର୍ବରୁ ଭାବୀ ବରକନ୍ୟା ପୋଲିସ ଥାନାରୁ ଭେରିଫିକେଶନ ସାର୍ଟିଫିକେଟ ସଂଗ୍ରହ କରିବା, ବିଚାରପତିଙ୍କ ସମ୍ମୁଖରେ ଏହାକୁ ଆଫିଡାଫିଟ୍ କରିବା, ବିବାହର ମାସେ ମଧ୍ୟରେ ବାଧ୍ୟତାମୂଳକ ପଞ୍ଜୀକରଣ, ବିଳମ୍ବ ହେଲେ ଜରିମାନା ବ୍ୟବସ୍ଥା, ପଞ୍ଜୀକରଣର ଏକ ସପ୍ତାହ ମଧ୍ୟରେ ନବଦମ୍ପତି ଆଧାରକାର୍ଡରେ ଆବଶ୍ୟକ ସଂଶୋଧନ କରିବା, ଠକାମିର ଶିକାର ହେଉଥିବା ମହିଳାଙ୍କ ଲାଗି ସାମାଜିକ ସୁରକ୍ଷା ଆଇନ ପ୍ରଣୟନ, ଠକାମି କରି ଏକାଧିକ ବିବାହ କରୁଥିବା ବ୍ୟକ୍ତିଙ୍କ ପାଇଁ ସର୍ବନିମ୍ନ ୭ବର୍ଷ କାରାଦଣ୍ଡ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଅନୁଷ୍ଠାନର ସଦସ୍ୟ ଡା. ତୁଷାରକାନ୍ତି ନାୟକ, ରୁଦ୍ର ପ୍ରକାଶ ଶରଣ, ସରୋଜ ଶତପଥୀ, ଗୀତା ସାମଲ, ପୁଷ୍ପା ଶରଣ, ସ୍ମିତା ସାମଲ ପ୍ରମୁଖ ଏ ସଂକ୍ରାନ୍ତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି। ଏହାର ନକଲ ଆଇନ ମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କୁ ଡାକ ମାଧ୍ୟମରେ ପ୍ରେରଣ କରାଯାଇଛି।



କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଭାଜପା କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ଦରଦାମ୍ ବୃଦ୍ଧିର ପ୍ରତିବାଦ

## ଭାଜପା କାର୍ଯ୍ୟାଳୟ ଘେରିଲା ମହିଳା କଂଗ୍ରେସ

**ଢେଙ୍କାନାଳ ଅଫିସ, ୪।୩**

ରନ୍ଧନ ଗ୍ୟାସ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଶନିବାର ଢେଙ୍କାନାଳ ଜିଲା ମହିଳା କଂଗ୍ରେସ ପକ୍ଷରୁ ଭାଜପାର ଜିଲା କାର୍ଯ୍ୟାଳୟ ଘେରାଉ କରାଯାଇଛି। କେନ୍ଦ୍ରର ମୋଦି ସରକାର ବାରମ୍ବାର ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି କରି ଚାଲିଛନ୍ତି। ଏହାର ପ୍ରଭାବ ସାଧାରଣ ଲୋକଙ୍କ ଜୀବନଜୀବିକା ଉପରେ ପଡ଼ିଛି। ୟୁପିଏ ସରକାର ବେଳେ ରନ୍ଧନ ଗ୍ୟାସ୍ ଦର ବଢ଼ିଲେ ଭାଜପା ନେତ୍ରୀ ସ୍ମୃତି ଇରାନୀ ଦୋଷାରୋପ କରୁଥିଲେ। ଏବେ ସେ ମନ୍ତ୍ରୀ ପଦରେ ବସି ସାଧାରଣ ଗ୍ରାହକଙ୍କ ଉପରେ ହେଉଥିବା ଜୁଲମକୁ ହସିହସି ହଜମ କରୁଛନ୍ତି ବୋଲି କହି କଂଗ୍ରେସ ନେତ୍ରୀମାନେ କହିଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରେମଶଙ୍କର ମିଶ୍ର, ସସ୍ମିତା ଡାଏବ, ଶିଳ୍ପିଶ୍ରୀ ହରିଚନ୍ଦନ, ରୁବିନା ବେଗମ୍, ହାଇଦର ମହମ୍ମଦ, ଛାତ୍ର କଂଗ୍ରେସ ସଭାପତି ଶୁଭମ ଦାଶଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରୀରାମଚରିତ ମାନସ ମହାଯଜ୍ଞ ପୂର୍ଣ୍ଣାହୁତି



**ଢେଙ୍କାନାଳ ଅଫିସ, ୪।୩**

ଢେଙ୍କାନାଳର ପ୍ରାଚୀନ ଯାଉଁଳି ପୋଖରୀ ମଠରେ ଗତ ୨୪ ତାରିଖରୁ ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତି ହୋଇଛି। ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ହରିକଥା କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଦୈନିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀ ରଘୁନାଥ ଜୀଉଙ୍କୁ ପାରାୟଣ ମଣ୍ଡପରେ ବିଜେ କରାଯିବା ସହ ଆଳତି, ଭଜନକୀର୍ତ୍ତନ, ହନୁମାନ ଚାଳିଶା ପାଠ କରାଯାଇଥିଲା। ଲକ୍ଷ୍ମୀନାରାୟଣ ଦାସଜୀ ମହାରାଜଙ୍କ କୃତ ଶ୍ରୀରାମ ଚରିତ ମାନସ ନବାହ୍ନ କ୍ରମରେ ପାଠ କରାଯାଇଥିଲା। ମଠାଧୀଶ ବ୍ରହ୍ମାନନ୍ଦ ଦାସଜୀ ମହାରାଜ, ପ୍ରଭୁପାଦ ଦାସ, ପାରାୟଣ ସମିତି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

## ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣର ପ୍ରତିବାଦ

**ଢେଙ୍କାନାଳ ଅଫିସ, ୪।୩**

ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ଭାଜପା ପକ୍ଷରୁ ଶନିବାର ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ରାଜ୍ୟ ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରଠାରେ ବିଧାନସଭା ଘେରାଉ ବେଳେ ପୋଲିସ ଯୋଜନାବଦ୍ଧ ଭାବେ ଅତର୍କିତ ଆକ୍ରମଣ କରିଥିଲା। ସାଦା ପୋଷାକଧାରୀ ପୋଲିସ ମାଡ଼ରେ ବହୁ କର୍ମୀ ଲହୁଲୁହାଣ ହୋଇଛନ୍ତି। ୩୦୭ ଦଫାରେ ଯୁବମୋର୍ଚ୍ଚା କର୍ମୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟକଳାପ ପ୍ରତିବାଦରେ ପୂର୍ବାହ୍ନ ୧୧ଟାରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ଭାରତୀ ସ୍ୱାଇଁ, ସୁନୀଲ ଶର୍ମା, ନୀରଜ ନଳିନୀ ମହାଳିକ, ଜିଲା ଯୁବମୋର୍ଚ୍ଚା ସଭାପତି ଯଶୋବନ୍ତ ମହିମା ପ୍ରମୁଖ ରାଜ୍ୟ ସରକାର ଏବଂ ପୋଲିସର ଏଭଳି କାର୍ଯ୍ୟକୁ ସମାଲୋଚନା କରିଥିଲେ। ଏହି ଘଟଣାକୁ ନେଇ ଜିଲାର ସମସ୍ତ ଥାନାରେ ପୋଲିସ ଡିଜି, ଭୁବନେଶ୍ୱର–କଟକ ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ନାମରେ ଏତଲା ଦିଆଯାଇଥିଲେ ମଧ ଅଦ୍ୟାବଧି ମାମଲା ରୁଜୁ ହୋଇ ନ ଥିବା ନେତୃବୃନ୍ଦ କହିଛନ୍ତି।


ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ନେତୃବୃନ୍ଦଙ୍କ ଧାରଣା।

# ଘରୋଇ ନର୍ସିଂ ହୋମ୍ ସିଲ୍

- ବିଏସ୍‌କେୱାଇ କାର୍ଡରେ ଅର୍ଥ ହଡ଼ପ ଅଭିଯୋଗ
- ଡାକ୍ତରଙ୍କ ଜାଲ୍ ଦସ୍ତଖତ କରି ଟଙ୍କା ଲୁଟୁଥିଲେ
- ମୃତ ରୋଗୀଙ୍କୁ କଟକ ରେଫର କରାଯାଇଥିଲା

**ଢେଙ୍କାନାଳ ଅଫିସ, ୪।୩**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡରେ କରାଯାଉଥିଲା ଅର୍ଥ ହଡ଼ପ। ଡାକ୍ତରଙ୍କ ନାମରେ ଜାଲ୍ ଦସ୍ତଖତ କରି ଲୁଟୁଥିଲେ ଟଙ୍କା। ଏପରି କି ମୃତରୋଗୀଙ୍କୁ ମଧ ଛାଡ଼ି ନ ଥିଲେ। ମାନବିକତାକୁ ଜଳାଞ୍ଜଳି ଦେଇ ଅଧିକ ଚିକିତ୍ସା ଆବଶ୍ୟକତା ଥିବା କହି ଜଣେ ମୃତବ୍ୟକ୍ତିଙ୍କୁ କଟକ ରେଫର କରିଥିଲେ। ଏଭଳି ଏକାଧିକ ଅଭିଯୋଗରେ ଦୁର୍ନୀତିର ଗନ୍ଧ ବାରିବା ପରେ ଢେଙ୍କାନାଳ ସ୍ୱାସ୍ଥ୍ୟ ବିଭାଗ ସ୍ଥାନୀୟ ଟାଉନ ଥାନା ପଛପାଖରେ ଥିବା ପଣ୍ଡା ନର୍ସିଂ ହୋମ୍‌କୁ ଶନିବାର ସନ୍ଧ୍ୟାରେ ସିଲ୍ କରିଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଉକ୍ତ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।


ଢେଙ୍କାନାଳର ପଣ୍ଡା ନର୍ସିଂ ହୋମ୍‌କୁ ସିଲ୍ କରାଯାଉଛି।

ସୂଚନାଯୋଗ୍ୟ, ପଣ୍ଡା ନର୍ସିଂ ହୋମ୍ ନାମରେ ପୂର୍ବରୁ ରୋଗୀଙ୍କୁ ଶୋଷଣ କରିବା, ସରକାରୀ ଯୋଜନାରେ ଅର୍ଥ ହଡ଼ପ ଭଳି ଏକାଧିକ ଅଭିଯୋଗ ରହିଥିଲା। କିଛିଦିନ ତଳେ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଜଣେ ରୋଗୀଙ୍କର ମୃତ୍ୟୁ ହୋଇଯାଇଥିଲା। ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ନର୍ସିଂ ହୋମ୍ କର୍ତ୍ତୃପକ୍ଷ ତାଙ୍କୁ ଆମ୍ବୁଲାନ୍ସରେ କଟକ ରେଫର କରିଦେଇଥିଲେ। ତେବେ କଟକ ବଡ଼ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୋଗୀଙ୍କ ସମ୍ପର୍କୀୟ ଏ ନେଇ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ବିଏସ୍‌କେୱାଇ କାର୍ଡରେ ଚଞ୍ଚକତା ଏବଂ ଡାକ୍ତରଙ୍କ ନକଲି ଦସ୍ତଖତ କରି ଟଙ୍କା ହଡ଼ପ କରିବା, ଚିକିତ୍ସାରେ ଅବହେଳା ପ୍ରଦର୍ଶନ ଆଦି ଅଭିଯୋଗ ଆସିବା ପରେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜଣେ ସହକାରୀ ଜିଲାପାଳ, ପୋଲିସ ଉପସ୍ଥିତିରେ ନର୍ସିଂ ହୋମ୍‌ର କାଗଜପତ୍ର ଯାଞ୍ଚ କରାଯାଇ ଏହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ୍ ଓ ପୋଲିସ ଉପସ୍ଥିତିରେ ନର୍ସିଂହୋମ୍‌କୁ ସିଲ୍ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

